## ଜୋକୋଭିଚ୍‌ଙ୍କୁ ହତ୍ୟା ଧମକ

ଜାଗରେବ୍ (କ୍ରୋଏସିଆ),୨୯।୬/ଏଜେନ୍ସି : ଆଡ୍ରିଆ ଟୁର୍ ଟୁର୍ଣ୍ଣାମେଣ୍ଟର ଆୟୋଜନ କରି କରୋନା ସଂକ୍ରମଣର କାରଣ ହୋଇଥିବା ସର୍ବିୟାର ଏକ ନମ୍ବର ଟେନିସ୍ ଖେଳାଳି ନୋଭାକ୍ ଜୋକୋଭିଚ୍ କଡ଼ା ସମାଲୋଚିତ ହୋଇଆସିଛନ୍ତି। ତାଙ୍କ ସମେତ ୪ ଜଣ ଖେଳାଳି, ପତ୍ନୀ ଜେଲେନା ଓ କୋଚ୍ ଗୋରାନ୍ ଇଭାନିସେଭିକ୍ ସଂକ୍ରମିତ ହୋଇଛନ୍ତି। ଏନେଇ ଜୋକୋଭିଚ୍ କ୍ଷମା ପ୍ରାର୍ଥନା କରିଥିଲେ ମଧ୍ୟ କ୍ରୋଏସିଆରେ ତାଙ୍କ ବିରୋଧରେ ଉତ୍ତେଜନା ବଢ଼ିଚାଲିଛି। ଏପରିକି ତାଙ୍କୁ ହତ୍ୟା ଧମକ ମଧ୍ୟ ମିଳିବା ଆରମ୍ଭ ହୋଇଛି। ଦେଶର ସ୍ପ୍ଲିଟ୍ ସହରରେ କାନ୍ଥବାଡ଼ରେ ଜୋକୋଭିଚ୍‌ଙ୍କ ମୃତ୍ୟୁ କାମନା କରି ଏକ ବାର୍ତ୍ତା ଲେଖାଯାଇଛି। ସେହିପରି ସର୍ବିୟା ପ୍ରଧାନମନ୍ତ୍ରୀ ଆନା ବର୍ନାବିକ୍ ଜୋକୋଭିଚ୍‌ଙ୍କ ସମର୍ଥନରେ ବାହାରିଛନ୍ତି। ସେ କହିଛନ୍ତି ଯେ ମହତ୍ ଉଦ୍ଦେଶ୍ୟ ନେଇ ଜୋକୋଭିଚ୍ ଏହି ଟୁର୍ଣ୍ଣାମେଣ୍ଟର ଆୟୋଜନ କରିଥିଲେ। ଲୋକେ କାହାରିକୁ ବି ଦୋଷ ଦେଇପାରନ୍ତି। କିନ୍ତୁ ଏଥିପାଇଁ ଜୋକୋଭିଚ୍ ନୁହନ୍ତି, ବରଂ ସେ ନିଜେ ଦାୟୀ ବୋଲି ଆନା କହିଛନ୍ତି।

ନିତିଦିନ NITIDIN

ନିତିଦିନ NITIDIN Tue, Jun 30, 2020
http://odishanewsnitidin.com